To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

କେଦାରନାଥ ନିକଟରେ ବାୟୁସେନାର ପରିବହନ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ୧ ମୃତ, ୪ ଆହତ ।

R.N.I. No.-42041/83 Vol-15, Issue No.269, ଭଦ୍ରକ, ବୁଧବାର, ୪, ଏପ୍ରିଲ୍ ୨୦୧୮ ■ Bhadrak, Wednesday, 4 April 2018 Rs. 2.00 Pages-8

ଆଜି ଖୋଲିବ ରହସ୍ୟମୟ ରତ୍ନଭଣ୍ଡାର

- ଅପରାହ୍ଣ ୨ଟାରେ ଖୋଲିଯିବ
- ସ୍ୱତ୍ତ୍ୱଲିପି ମୁତାବକ ଯାଞ୍ଚ ହେବ
- ସାଧାରଣ ଦର୍ଶନକୁ ବନ୍ଦ ରଖାଯିବ
- ବାହାର ଚାରିଦ୍ୱାର ଓ ଭିତର ଗୁମୁଟରେ ପୋଲିସ ଜଗିବେ

ପୁରୀ,୩।୪ (ସକାଳ ଖବର): ଆସନ୍ତାକାଲି ବହୁ ପ୍ରତୀକ୍ଷିତ ରହସ୍ୟମୟ ରତ୍ନଭଣ୍ଡାର ଅପରାହ୍ଣ ୨ଟାରେ ଖୋଲିଯିବ । ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ବ୍ୟବସ୍ଥାବଳୀ ଓ ଆଦେଶନାମା ଜାରି ହୋଇଛି । ରତ୍ନଭଣ୍ଡାର ଖୋଲିବା ନେଇ ଜଗନ୍ନାଥ ପ୍ରେମୀଙ୍କ ମନରେ ଉତ୍କଣ୍ଠା ବଢ଼ିବାକୁ ଲାଗିଛି । ବ୍ୟବସ୍ଥାବଳୀ ଅନୁସାରେ, ଆସନ୍ତାକାଲି ଶ୍ରୀମନ୍ଦିର ଜଗମୋହନ ମରାମତି ବନ୍ଦ ରହିବ । ମଧ୍ୟାହ୍ନ ଧୂପ ପରେ ଅନ୍ୟାନ୍ୟ ନୀତି ସ୍ଥଗିତ ରହିବ । ସାଧାରଣ ଦର୍ଶନକୁ ବନ୍ଦ ରଖାଯିବ । ଏଥିସହ ଶ୍ରୀମନ୍ଦିର ବାହାର ଚାରିଦ୍ୱାର ଓ ଭିତର ଗୁମୁଟରେ ପୋଲିସ ଜଗିବେ । ଛତିଶା ନିଯୋଗ ସଭାପତି, ସଂପାଦକ ମୁକ୍ତି ମଣ୍ଡପ ତଳେ ଉପସ୍ଥିତ ରହି ଭଣ୍ଡାର ଖୋଲା ଦେଖିପାରିବେ । ଜରୁରୀ ସ୍ଥିତି ପାଇଁ ଓସଡମା, ଅଗ୍ନିଶମ ଅଧିକାରୀ, ସ୍ନେକ ହେଲ୍ପ ଲାଇନର ୨ ଜଣ ସଦସ୍ୟ ଉପସ୍ଥିତ ରହିବେ । ଏହାବ୍ୟତିତ ଜଗମୋହନ ଭିତରକୁ ଯାଉଥିବା ବ୍ୟକ୍ତିଙ୍କୁ ସ୍ୱତ୍ତ୍ୱଲିପି ମୁତାବକ ଯାଞ୍ଚ ହେବ । ରତ୍ନଭଣ୍ଡାରକୁ ଯାଉଥିବା ସମସ୍ତ ସଦସ୍ୟ ପୂର୍ବ ନିର୍ଦ୍ଧାରିତ ଏସଓପି ନିୟମକୁ ପାଳନ କରିବେ । ଯେମିତି କି ଯାଞ୍ଚକାରୀ କେବଳ ଚଷମା ବ୍ୟତିତ ଅନ୍ୟ କିଛି ସାଙ୍ଗରେ ନେଇପାରିବେନି । ମୁଖ୍ୟ ପ୍ରଶାସକ, ପୁରୀ ଏସପି, ନୀତି ପ୍ରଶାସକ ଭଣ୍ଡାର ଭିତରକୁ ଯିବା ନେଇ ମଧ୍ୟ ଅନୁମତି ମିଳିଛି । ହାଇକୋର୍ଟଙ୍କ ପ୍ରତିନିଧି ଓ ପ୍ରତ୍ନତତ୍ତ୍ୱ ବିଭାଗର ୩ ବିଶେଷଜ୍ଞ ଭଣ୍ଡାରକୁ ଯିବେ । ଏହା ସମେତ କୋର କମିଟିର ୨ ଓ ରତ୍ନଭଣ୍ଡାର ସବ-କମିଟିର ୨ ସଦସ୍ୟ ଭିତରକୁ ଯାଇ ସର୍ଚ୍ଚ ଲାଇଟରେ ସ୍ଥିତି ଅନୁଧ୍ୟାନ କରିବେ । ରତ୍ନଭଣ୍ଡାର ଯାଞ୍ଚ ପରେ ଗଠିତ ୧୦ ଜଣିଆ କମିଟି ଶ୍ରୀମନ୍ଦିର ଭିତରେ ପଶି ଏକ ମିଳିତ ରିପୋର୍ଟ ଦେବେ । ଶ୍ରୀମନ୍ଦିର ପ୍ରଶାସନକୁ ଏହି ରିପୋର୍ଟ ଦେଲା ପରେ ଯାଞ୍ଚ ପ୍ରକ୍ରିୟା ଶେଷ ହେବ । ଯାଞ୍ଚ କରି ଫେରିବା ପରେ ସେମାନଙ୍କୁ ସଂପୂର୍ଣ୍ଣ ଭିଡ଼ିଓଗ୍ରାଫିରେ ପୋଲିସ ଦ୍ୱାରା ପୁନଃ ଯାଞ୍ଚ କରାଯିବ । ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଭଣ୍ଡାର ତାଲା ପକାଯାଇ ପୁରୀ ଟ୍ରେଜେରିରେ ଜିମା ଦିଆଯିବ । ଭକ୍ତଙ୍କ ଦର୍ଶନକୁ ନଜରରେ ରଖି ଯଥାଶୀଘ୍ର ଯାଞ୍ଚ କାମ ଶେଷ କରିବାକୁ ଚେଷ୍ଟା କରାଯିବ ।

ମହାନଦୀ ଏବେ ମରୁଡ଼ି !

ଭୁବନେଶ୍ୱର, ୩।୪ (ସକାଳ ଖବର): ମହାନଦୀ ଏବେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ଶୁଖି ଶୁଖି ଯାଉଛି ମହାନଦୀ । କମି କମି ଯାଉଛି ଜଳପ୍ରବାହ । ମହାନଦୀ ଉପର ମୁଣ୍ଡରେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରୁଥିବାରୁ ଏପରି ସ୍ଥିତି ଉପୁଜିଛି । ଏହାଛଡ଼ା କଲମା ଓ ଅନ୍ୟାନ୍ୟ ବ୍ୟାରେଜରେ ଗେଟ୍ ବନ୍ଦ ଦ୍ୱାରା ଓଡିଶାରେ ଜଳପ୍ରବାହ ସାଂଘାତିକ ଭାବେ ହ୍ରାସ ପାଇଛି । ଜଳସଂପଦ ବିଭାଗର ତଥ୍ୟ ଅନୁସାରେ ଗତ ଅକ୍ଟୋବରରେ ୧୮ ପ୍ରତିଶତ, ନଭେମ୍ବର ୪୩, ଡିସେମ୍ବରରେ ୩୯, ଜାନୁୟାରୀରେ ୪୧, ଫେବୃୟାରୀ ୪୦ ପ୍ରତିଶତ ଜଳ ପ୍ରବାହ କମିଛି । ଛତିଶଗଡ ବ୍ୟାରେଜ ନିର୍ମାଣ ପରେ, ଗତ ୧୦ ବର୍ଷରେ ଜଳପ୍ରବାହକୁ ତୁଳନା କଲେ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବାହ କମିଛି । ଛତିଶଗଡ ମନମାନୀ କରି ମହାନଦୀ ପାଣିକୁ ଅଟକାଇଥିବାରୁ **(ପୃଷ୍ଠା-୭)**

ଶ୍ରମିକ ହେଉଛନ୍ତି ବିକାଶର ଆଧାର

- ଶ୍ରମିକ ସେବା ସପ୍ତାହର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ୨ଟି ପୋର୍ଟାଲର କଲେ ଶୁଭାରମ୍ଭ

ଶ୍ରମିକ ସେବା ସପ୍ତାହ - ୨୦

ଭୁବନେଶ୍ୱର, ୩।୪ (ସକାଳ ଖବର): ପ୍ରତ୍ୟେକ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକଙ୍କ ପାଇଁ ବିଶ୍ରାମ ସ୍ଥଳ , ପିଇବା ପାଣି ଓ ଶୌଚାଳୟ ଇତ୍ୟାଦି ଖୁବ୍ ଶୀଘ୍ର ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏହାସହ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ସରକାରୀ ବିଭାଗ , ଉଦ୍ୟୋଗ ସ୍ଥାନୀୟ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥା ଏବଂ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ ମୂଲ୍ୟରେ ନିର୍ମିତ ହୋଇଥିବା ନିଜସ୍ୱ ଗୃହ ନିର୍ମାଣ କ୍ଷେତ୍ରରୁ ଏଯାବତ୍ ୧୩୭୮ କୋଟି ୧୦ ଲକ୍ଷ ୧୮ ହଜାର ଟଙ୍କା ଆଦାୟ କରାଯାଇଛି। ଗତ ୩ ବର୍ଷରେ ୬୦୫.୨୭ କୋଟି ଟଙ୍କା ସେସ୍ ଆଦାୟ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।

ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ମଙ୍ଗଳବାର ଠାରୁ ପ୍ରଦର୍ଶନୀ ପଡିଆ ଠାରେ ଶ୍ରମିକ ସେବା ସପ୍ତାହ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଏହାର ଶୁଭ ଉଦଘାଟନ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶ୍ରମିକ ମାନେ ହେଉଛନ୍ତି ବିକାଶର ଆଧାର। ଓଡିଶାର ବିକାଶରେ ରହିଛି ଶ୍ରମିକ ମାନଙ୍କର ତ୍ୟାଗ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରମିକ ମାନଙ୍କ ସୁବିଧା ପାଇଁ ୨ଟି ପୋର୍ଟାଲର ଉନ୍ମୋଚନ କରିଥିଲେ। ଏହି ପୋର୍ଟାଲ ୨ଟି ଦ୍ୱାରା ଶ୍ରମିକମାନେ ନିଜ ଘର ପାଖରେ ସୁବିଧାରେ ପଂଜୀକରଣ କରିପାରିବେ ଏବଂ ସେମାନଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ପାଇଁ ମଧ୍ୟ ସୁବିଧା ମିଳିପାରିବ । ମୁଖ୍ୟମନ୍ତ୍ରୀ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ମଧ୍ୟ ବଂଟନ କରିଥିଲେ ଏବଂ ସଚେତନତା ରଥଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଜ୍ୟ ସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ୭ହଜାର ଶ୍ରମିକ **(ପୃଷ୍ଠା-୭)**

ବୈଭବ ଅପହରଣ ଓ ହତ୍ୟା ଘଟଣାର ପର୍ଦ୍ଦାଫାସ

୭୦୦୦ ପାଇଁ ହତ୍ୟା

ନୂଆପଡା,୩।୪ (ସକାଳ ଖବର): ନୂଆପଡା ଜିଲା ଖଡିଆଳ ସହରର କପଡା ବ୍ୟବସାୟୀ କୈଳାସ ସରାଫଙ୍କ ପୁଅ ବୈଭବ ସରାଫଙ୍କ ବହୁ ଚର୍ଚ୍ଚିତ ଅପହରଣ ହତ୍ୟା ଘଟଣାର ପର୍ଦାଫାସ କରିଛି ଖଡିଆଳ ପୋଲିସ । ମଙ୍ଗଳବାର ଖଡିଆଳ ଥାନା ପରିସର ମଧ୍ୟରେ ନୂଆପଡା ଏସପି ସ୍ମିଥ.ପି.ପରମାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ଏହି ଘଟଣାର ସତ୍ୟାସତ୍ୟ ଉପରେ ଆଲୋକପାତ କରିଛନ୍ତି। ବୈଭବଙ୍କ ଅପହରଣ ଓ ହତ୍ୟା ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ଆଜି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚଲାଣ କରାଯିବା ବୋଲି ଏସପି ସୂଚନା ଦେଇଛନ୍ତି। ସୂଚନା ମତେ ଗତ ମାର୍ଚ୍ଚ ୩୦ ତାରିଖ ଦିନ ଅଭିଯୁକ୍ତ ଖଡିଆଳ ସହରର ନିନାପଡାର ମନୋରଞ୍ଜନ ସରାଫ(୨୦) ଏବଂ ଅନ୍ୟ ଜଣେ ନାବାଳକ ଖଡିଆଳ ସହରର ଲାଲସାହେବପଡାର ରାହୁଲ କୁମାର(୧୬) ମିଶି ଅପରାହ୍ନ ୧ ଟା ୪୫ ମିନିଟ ସମୟରେ **(ପୃଷ୍ଠା-୭)**

ଅତାବିରା ଓ ହିନ୍ଦୋଳ ଏନଏସି ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଶେଷ, ୫ରେ ଗଣତି

ଭୁବନେଶ୍ୱର,୩।୪ (ସକାଳ ଖବର): ବରଗଡ ଜିଲ୍ଲା ଅତାବିରା ଓ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ଲାଗି ଭୋଟ ଗ୍ରହଣ ଶେଷ ହୋଇଛି। ଅତାବିରାରେ ୭୩.୧୭ ପ୍ରତିଶତ ମତଦାନ ହୋଇଥିବା ବେଳେ ହିନ୍ଦୋଳରେ ୮୫.୭ ପ୍ରତିଶତ ମତଦାନ ହୋଇଛି। ଆସନ୍ତା ୫ ତାରିଖରେ ଭୋଟ୍ ଗଣତି କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅତାବିରାରେ ପ୍ରାୟ ୧୩ ହଜାର ଭୋଟର ୩୮ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବାକୁ ଯାଉଛନ୍ତି । ଅତାବିରା ଏନଏସି ମାନ୍ୟତା ପାଇବା ପରେ ଦ୍ୱିତୀୟଥର ଲାଗି ଭୋଟ ହେଉଛି । ଅତାବିରା ଏନଏସିର ମୋଟ ୧୨ଟି ୱାର୍ଡ ପାଇଁ ୧୩ଟି ବୁଥରେ ମତଦାନ ହୋଇଥିଲା। ସେହିପରି ହିନ୍ଦୋଳରେ ୧୬ଟି ୱାର୍ଡରେ ଭୋଟ ଗ୍ରହଣ ହୋଇଛି। ଏଥିପାଇଁ ୧୬ବୁଥର ବ୍ୟବସ୍ଥା କରାଯାଇଥିଲା। ୩ଟି ୱାର୍ଡରେ ମହିଳାଙ୍କ ଲାଗି ୩ଟି ସ୍ୱତନ୍ତ୍ର ବୁଥର ବ୍ୟବସ୍ଥା କରାଯାଇଥିଲା। ସକାଳ ୮ଟାରୁ ଅପରାହ୍ନ ୫ଟା **(ପୃଷ୍ଠା-୭)**

ସୁରଙ୍କ ୬ କୋଟିର ସମ୍ପତି ଆଟାଚ୍

ଭୁବନେଶ୍ୱର, ୩।୪ (ସକାଳ ଖବର): ପୁଣି ତ୍ରାହି ଅଚ୍ୟୁତ ଆଶ୍ରମ ମୁଖ୍ୟ ସୁର ବାବାଙ୍କ ସମ୍ପତି ଆଁଟାଚ୍ କରିଛି ଇଡି (ପ୍ରବର୍ତନ ନିର୍ଦ୍ଦେଶାଳୟ)। ଦ୍ୱିତୀୟ ଥର ପାଇଁ ଇଡି ସୁର ବାବାଙ୍କର ପ୍ରାୟ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତି ଆଟାଚ୍ କରିଛି। ସୁର ବାବାଙ୍କ ୨ ପୁଅ ଓ ଟ୍ରଷ୍ଟ ନାମରେ ଥିବା ୫ କୋଟି ୫୬ ଲକ୍ଷ ଟଙ୍କାର ଜମିକୁ ବାଜ୍ୟାପ୍ତି କରାଯାଇଛି। ଏହାସହ ସୁର ବାବା ଓ ତାଙ୍କ ୨ ପୁଅଙ୍କ ନାମରେ ଥିବା ୯୬ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଜମାକୁ ମଧ୍ୟ ଆଟାଚ୍ କରାଯାଇଥିବା ଜଣାପଡିଛି ।

ମାଓବାଦୀ-ପୁଲିସ ଗୁଳି ବିନିମୟ, ୩ ମୃତ

ମାଲକାନଗିରି, ୩।୪ (ସକାଳ ଖବର): ସୀମାନ୍ତ ଛତିଶଗଡ ବିଜାପୁର ଜିଲ୍ଲା ପୁଲିସକୁ ଆଜି ମିଳିଛି ଆଉଏକ ସଫଳତା । ବିଜାପୁର ଜିଲ୍ଲା ରେମପଲ୍ଲି ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପ ଚାଲୁଥିବାର ଖବରପାଇ ସେଠାକୁ ଜିଲ୍ଲା ପୁଲିସ ଓ ସି-୬୦କମାଣ୍ଡୋ ବାହିନୀ କମ୍ବିଂ ଅପରେସନରେ ଯାଇଥିଲେ । ଜବାନ ମାନଙ୍କୁ ଦେଖି ମାଓବାଦୀ ମାନେ ପ୍ରଥମେ ଗୁଳି ଚଳାଇଥିଲେ । ଏହାର ପାଲଟା ଜବାବରେ ଜବାନ ମାନେ ମଧ୍ୟ ମାଓବାଦୀଙ୍କ ଉପରକୁ ଗୁଳିଚାଳନା କରିଥିଲେ । ଉଭୟଙ୍କ ମଧ୍ୟରେ ପ୍ରାୟ ଏକ ଘଂଟା ଧରି ଗୁଳି ବିନିମୟ ହୋଇଥିଲା । ଜବାନଙ୍କ ଗୁଳିରେ ତିନିଜଣ ମାଓବାଦୀ ଟଳି ପଡିଥିଲେ । ତିନିଜଣ ମାଓବାଦୀଙ୍କ ମୃତ୍ୟୁହେବା ଦେଖି ଅନ୍ୟ ମାଓବାଦୀମାନେ ଜଙ୍ଗଲରେ ଛତ୍ର ଭଙ୍ଗଦେଇ ଲୁଚି ପଳାଇଥିଲେ । ଜବାନ ମାନେ ସେହି ଜଙ୍ଗଲରେ ସର୍ଚ୍ଚ ଅପରେସନ କରିବାରୁ ଦୁଇଜଣ ମହିଳା ମାଓବାଦୀଙ୍କ ସହ ଅନ୍ୟଜଣେ ପୁରୁଷ ମାଓବାଦୀଙ୍କ ମୃତଶରୀର ମିଳିଥିଲା । ଘଟଣାସ୍ଥଳରୁ ବନ୍ଧୁକ ଗୋଳାବାରୁଦ ଆଦି ଅନେକ ମାଓସାମଗ୍ରୀ ଜବତ ହୋଇଥିଲା । ସମ୍ପୃକ୍ତ ତିନିଜଣ ନିହତ ମାଓବାଦୀଙ୍କ ମଧ୍ୟରେ ଦୁର୍ଦ୍ଦାନ୍ତ ମାଓନେତା ଛତିଶଗଡ ଡିଭିଜନ କମିଟି ମେମ୍ବର ସୁନିଲ କୁଲମେଥ ଥିବାର ଜଣାପଡିଛି । ତାଙ୍କ ମୁଣ୍ଡ ପାଇଁ ଛତିଶଗଡ ସରକାର ୧୬ଲକ୍ଷଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ଗୁଳି ବିନିମୟରେ ଅଧିକ ସଂଖ୍ୟାରେ ମାଓବାଦୀ ମୃତାହତ ହୋଇଥିବାର ସନ୍ଦେହ କରି ସେହି ଜଙ୍ଗଲରେ ଜବାନ ମାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରୀ ରହିଛି ।

ଆଜିଠୁ ଯୁକ୍ତ ୨ ପରୀକ୍ଷା ଖାତାଦେଖା

ଭୁବନେଶ୍ୱର ,୩।୪ (ସକାଳ ଖବର): ଆସନ୍ତାକାଲିଠାରୁ ଯୁକ୍ତ ୨ ପରୀକ୍ଷା ଖାତା ଦେଖା ଆରମ୍ଭ ହେବ । ୨ଟି ପର୍ଯ୍ୟାୟରେ ଖାତା ଦେଖା ହେବ । ପ୍ରଥମ ପର୍ଯ୍ୟାୟରେ ୪ ତାରିଖରୁ ୧୪ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୬ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଖାତା ମୂଲ୍ୟାୟନ କରାଯିବ ବୋଲି ସିଏଚଏସଇ ଉପ ପରୀକ୍ଷା ନିୟନ୍ତ୍ରକ ପ୍ରବୋଧ ପଣ୍ଡା ସୂଚନା ଦେଇଛନ୍ତି । **(ପୃଷ୍ଠା-୭)**

ମୂଲ୍ୟାୟନ ବର୍ଜନ କରିବେ ଶିକ୍ଷକ

ଆଜି ବିଜେଡି-ବିଜେପିର ଶକ୍ତିପରୀକ୍ଷା

- ଗଞ୍ଜାମ ଓ ଗଜପତିରେ ମନ୍ତ୍ର ଫୁଙ୍କିବେ ମୁଖ୍ୟମନ୍ତ୍ରୀ
- କର୍ମକର୍ତ୍ତାଙ୍କ ମନୋବଳ ବଢ଼ାଇବେ ଅମିତ୍

ଭୁବନେଶ୍ୱର,୩।୪ (ସକାଳ ଖବର): ନିଜ ନିଜ ରାଜନୈତିକ ଶକ୍ତି ପ୍ରଦର୍ଶନ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତାକାଲି ଦିନିକିଆ ଗଂଜାମ ଓ ଗଜପତି ଜିଲ୍ଲା ଗସ୍ତରେ ଯାଉଥିବା ବେଳେ ବିଜେପିର ରାଷ୍ଟ୍ରୀୟ ସଭାପତି ଅମିତ୍ ଶାହା ଆସନ୍ତାକାଲି ୨ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି । ଏହି ସମୟରେ ସେ କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲା ଯାଇ ସେଠାରେ ଆୟୋଜିତ ସଭାରେ ଯୋଗ ଦେଇ କର୍ମକର୍ତା ମାନଙ୍କୁ ଉଦବୋଧନ ଦେବେ। ମୁଖ୍ୟମନ୍ତ୍ରୀ ଗଂଜାମ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦଘାଟନ କରିବା ସହ ଆୟୋଜିତ ସାଧାରଣ ସଭାରେ ଯୋଗ ଦେବେ । ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା ମିଶ୍ରଣ ପର୍ବରେ ନିକଟରେ କଂଗ୍ରେସରୁ ଇସ୍ତଫା ଦେଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ , ଯୁବ ନେତା ବିକ୍ରମ ପଣ୍ଡା , ଭଗବାନ ଗନ୍ତାୟତଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମର ୧୧ ଜଣ କର୍ପୋରେଟର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ଅନ୍ୟପକ୍ଷରେ ଭବାନୀପାଟଣାଠାରେ ଅନୁଷ୍ଠିତ ହେବାକୁ ଥିବା ବିଶାଳ ସମାବେଶରେ ଶ୍ରୀ ଶାହା ଯୋଗ ଦେଇ ଦଳୀୟ କାର୍ଯ୍ୟକର୍ତାଙ୍କୁ ଉଦ୍‌ବୋଧନ ଦେବେ । ଏପ୍ରିଲ ୫ ତାରିଖରେ ବଲାଙ୍ଗୀରଠାରେ ଅନୁଷ୍ଠିତ ହେବାକୁ ଥିବା ବିଶାଳ ଯୁବ ସମାବେଶରେ ଯୋଗ ଦେବେ। ରାଜ୍ୟରେ ଶାସକ ବିଜେଡିର ଅପାରଗତା ଏବଂ ନିଷ୍କ୍ରିୟତା ସମ୍ବନ୍ଧରେ ଶ୍ରୀ ଶାହା ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇ ବିଶାଳ ସମାବେଶରେ ଅଭିଭାଷଣ ରଖିବେ । ରାଜ୍ୟରେ କୃଷକ ଆତ୍ମହତ୍ୟା ପ୍ରସଙ୍ଗ , ପାନୀୟ **(ପୃଷ୍ଠା-୭)**

ଉତ୍ତର ଓ ଉପକୂଳ ଓଡିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩।୪ (ସକାଳ ଖବର): ଆଗାମୀ ୨୪ ଘଂଟା ମଧ୍ୟରେ ଉତର ଓଡ଼ିଶା ଓ ଉପକୂଳ ଓଡ଼ିଶାର ଗୋଟିଏ ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଘଂଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ମଧ୍ୟ ବହିପାରେ। ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୁରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାରେ ଝଡ଼ତୋଫାନ ସହିତ ବର୍ଷା ହେବା ଆଶଙ୍କା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ସାରା ଓଡ଼ିଶାରେ ପୂର୍ବ ଦିନ ଅପେକ୍ଷା ତାପମାତ୍ରା କମ୍ ଅନୁଭୂତ ହୋଇଛି। ଉତର ଓଡ଼ିଶାରେ ସ୍ୱାଭାବିକ ତାପମାତ୍ରା ଠାରୁ କମ୍ ରହିଛି। ସେହଭଳି ସୋନପୁରରେ ସର୍ବାଧିକ ତାପମାତ୍ରା ୩୯.୮ ଡିଗ୍ରି ରେକର୍ଡ କରାଯାଇଛି। ଅପରପକ୍ଷେ ସୁନ୍ଦରଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୭.୦ ଡିଗ୍ରି ରେକର୍ଡ କରାଯାଇଥିବା ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୨୮.୩.୧୮)
୨, ୦୬, ୧୯୯

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick